# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**13 April – 2025**

# ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ

ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ ୨୦୨୪ ଗତକାଲିଠାରୁ ରାଜ୍ୟରେ ଲାଗୁ ହୋଇଛି । ଚଳିତମାସ ୨ ତାରିଖରେ ବିଧାନସଭାରେ ଏହା ପାରିତ ହୋଇଥିଲା । ଉଚ୍ଚଶିକ୍ଷାର ବିକାଶ କ୍ଷେତ୍ରରେ ଏହି ଆଇନ୍ ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ବିଶ୍ୱବିଦ୍ୟାଳୟ ଗୁଡ଼ିକର ସ୍ୱାୟତ୍ତତାକୁ ସୁନିଶ୍ଚିତ କରିବା, ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟାକୁ ସରଳୀକରଣ ଓ ତ୍ୱରାନ୍ୱିତ କରିବା ପାଇଁ ଆଇନ୍‌ରେ ବ୍ୟବସ୍ଥା ରହିଛି । ଶିକ୍ଷାନୁଷ୍ଠାନ ଗୁଡ଼ିକରେ ବିଶ୍ୱସ୍ତରୀୟ ଗବେଷଣା ଓ ଶୈକ୍ଷିକ ଉତ୍କର୍ଷତାକୁ ପ୍ରୋତ୍ସାହନ ଦେବା ସହିତ ଜ୍ଞାନଭିତ୍ତିକ ଅର୍ଥନୀତିର ଅଭିବୃଦ୍ଧି ହୋଇପାରିବ । ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ସିନେଟ୍ ବ୍ୟବସ୍ଥାର ପୁନଃ ପ୍ରଚଳନ ସହିତ ଅଧ୍ୟାପକ ଓ କୁଳପତି ଚୟନରେ ସରକାରଙ୍କ ହସ୍ତକ୍ଷେପ ରହିବ ନାହିଁ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ।

# ରାଜଧାନୀ ପ୍ରତିଷ୍ଠା ଦିବସ

ରାଜଧାନୀ ଭୁବନେଶ୍ୱର ଆଜି ତା'ର ୭୭ତମ ପ୍ରତିଷ୍ଠା ଦିବସ ପାଳନ କରୁଛି । ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଆୟୋଜିତ

କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜଧାନୀ ଶିଳାନ୍ୟାସ ଫଳକ ଓ ଓଡ଼ିଶା ବିଧାନସୌଧ ସମ୍ମୁଖରେ ଥିବା ଶିଳାନ୍ୟାସ ଫଳରେ ମାଲ୍ୟାର୍ପଣ ଓ ପତାକା ଉତ୍ତୋଳନ କରିଛନ୍ତି । ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଚିତ୍ତାକର୍ଷକ ବେସାମରିକ ପ୍ୟାରେଡରେ ଶ୍ରୀମତୀ ପାଢ଼ୀ ଅଭିବାଦନ ଗ୍ରହଣ କରିଥିଲେ । ରାଜଧାନୀର ବିଷୟବସ୍ତୁକୁ ନେଇ ଜୟଦେବ ଭବନରେ ଏକ ଫଟୋଚିତ୍ର ପ୍ରଦର୍ଶନୀର ଆୟୋଜନ କରାଯାଇଛି । ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଲୋକସଂପର୍କ ବିଭାଗ ପକ୍ଷରୁ ଉତ୍କଳ ମଣ୍ଡପଠାରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ । ଏହି ଅବସରରେ ୧୩ଜଣ ବ୍ୟକ୍ତିବିଶେଷଙ୍କୁ ରାଜଧାନୀ ଗୌରବ ସମ୍ମାନ-୨୦୨୫ ପ୍ରଦାନ କରାଯିବ ।

ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀଙ୍କୁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣମାଝୀ ଓ ବାଚସ୍ପତି ସୁରମା ପାଢ଼ୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

## ଓଡ଼ିଆ ପକ୍ଷ

ଓଡ଼ିଆ ପକ୍ଷ-୨୦୨୫ ପାଳନର ତ୍ରୟୋଦଶ ଦିନରେ ଆଜି 'ଆମ ରୁଚି ଆମ ଖାଦ୍ୟ' ଶୀର୍ଷକ ବିଷୟବସ୍ତୁ ଆଧାରିତ କାର୍ଯକ୍ରମମାନ ଅୟୋଜନ କରାଯାଉଛି । ଓଡ଼ିଶାର ଖାଦ୍ୟ ଏବଂ ଓଡ଼ିଆ ଲୋକମାନଙ୍କର ପସନ୍ଦକୁ ନେଇ ବିଭିନ୍ନ ଖାଦ୍ୟ ଉପରେ ବ୍ଲକ, ଜିଲ୍ଲା ଏବଂ ରାଜ୍ୟସ୍ତରରେ

କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ ବୋଲି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ କୁହାଯାଇଛି ।

# ବିଷୁବ ସଂକ୍ରାନ୍ତି

ମହାବିଷୁବ ସଂକ୍ରାନ୍ତି ଏବଂ ହନୁମାନ ଜୟନ୍ତୀ ଶାନ୍ତିଶୃଙ୍ଖଳାରେ ପାଳନ କରିବା ପାଇଁ ଜିଲ୍ଲା ପ୍ରଶାସନ ଗୁଡ଼ିକ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ସମ୍ବଲପୁରରେ ଗତକାଲି ପୋଲିସ ପକ୍ଷରୁ ଏକ ଫ୍ଲାଗମାର୍ଚ୍ଚ କରାଯାଇଥିଲା । କଟକ, ଭୁବନେଶ୍ୱର, ଭଦ୍ରକ, ବ୍ରହ୍ମପୁର ସମେତ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପଦକ୍ଷେପ ନିଆଯାଇଛି ।

## ମୁଖ୍ୟମନ୍ତ୍ରୀ - ଜନଶୁଣାଣି

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସୂଚନା ଅନୁସାରେ ଆସନ୍ତାକାଲି ସରକାରୀ ଛୁଟିଦିନ ଥିବାରୁ ଭୁବନେଶ୍ୱର ୟୁନିଟ-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ହେଉଥିବା ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ଗଣମାଧ୍ୟମରେ ଜଣାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

# ଚଡ଼କ ମେଳା

ବାଲେଶ୍ୱର ଜିଲ୍ଲାର ଚନ୍ଦନେଶ୍ୱର ମହାପ୍ରଭୁଙ୍କର ପ୍ରସିଦ୍ଧ ପ୍ରାଦେଶିକ ଚଡ଼କ ମେଳାର ଶେଷ ଦିନରେ ଆଜି ପାଟପର୍ବ ପାଳନ କରାଯାଉଛି । ଭକ୍ତାମାନେ ପରସ୍ପର ମଧ୍ୟରେ ମାଳା ପିନ୍ଧାଇ ଚନ୍ଦନ ଲଗାଇଛନ୍ତି । ଅପରାହ୍ଣରେ ଭକ୍ତାମାନେ ହାକଣ୍ଡପୋଖରୀ ନିକଟରୁ ମନ୍ଦିର ଆସିବେ । ୧୩ ଦିନ ବ୍ୟାପୀ ଚାଲିଥିବା ଏହି ମେଳାର ଆଜି ହେଉଛି ଉଦ୍‌ଯାପନୀ ଦିବସ । ଜିଲ୍ଲା ତଥା ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗରୁ ମାନସିକଧାରୀମାନେ ଉପବୀତ ଧାରଣ କରି ଉପବାସ ରହି ଚନ୍ଦନେଶ୍ୱରଙ୍କୁ ପୂଜା କରିଛନ୍ତି। ଗତକାଲି ସନ୍ଧ୍ୟାରେ ମନ୍ଦିରର ନୀଳପୋଖରୀରେ ଥୁମ୍ବୀକାଠ ବାହାର କରାଯିବା ପରେ ମନ୍ଦିର ପରିକ୍ରମା କରିବା ପରେ ଅର୍ଘ୍ୟଜଳ ବଣ୍ଟନ କରାଯିବା ସହିତ ନୀଳପର୍ବ ହୋଇଥିଲା ।

# ୱେଭ୍‌ସ

ବିଶ୍ୱ ଅଡିଓ ଭିଜୁଆଲ ଓ ମନୋରଞ୍ଜନ ସମ୍ମିଳନୀ-ୱେଭ୍‌ସ ୨୦୨୫ ସମ୍ମିଳନୀ ପୂର୍ବରୁ ସୂଚନା ପ୍ରସାରଣ ମନ୍ତ୍ରଣାଳୟ ତରଫରୁ ଶ୍ରେଷ୍ଠ ୧୦ଜଣ ଅଂଶଗ୍ରହଣକାରୀଙ୍କ ନାମ ଘୋଷଣା କରାଯାଇଛି । ପ୍ରତିଦ୍ୱନ୍ଦ୍ୱିତାମୂଳକ ଚୟନ ପ୍ରକ୍ରିୟାରେ ଆବେଦନପତ୍ର ଗୁଡ଼ିକ ମଧ୍ୟରେ ନୂଆଦିଲ୍ଲୀ, ମହାରାଷ୍ଟ୍ର, ଆସାମର ୧୦ଜଣ କଳାକାରଙ୍କୁ ୱେଭ୍‌ସ  ବିଶ୍ୱ ମଞ୍ଚରେ ସିଧାସଳଖ ପ୍ରଦର୍ଶନ କରିବା ପାଇଁ ଘୋଷଣା କରାଯାଇଛି ।

# ପାଣିପାଗ

ଚଳିତ ବର୍ଷ ମୌସୁମୀ ଋତୁରେ ଗ୍ରୀଷ୍ମମଣ୍ଡଳୀୟ ପ୍ରଶାନ୍ତ ମହାସାଗରର ତାପମାତ୍ରା ସ୍ୱାଭାବିକ ରହିବା ନେଇ ଅନୁମାନ କରାଯାଇଛି । ଏହାର ପ୍ରଭାବରେ ରାଜ୍ୟରେ ମୌସୁମୀ ବର୍ଷାର ପରିମାଣ ସ୍ୱାଭାବିକ ରହିବ ବୋଲି ପାଣିପାଗ ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି । ଆମେରିକାର ଏକ ପାଣିପାଗ ମଡେଲର ତଥ୍ୟ ଅନୁସାରେ ଆସନ୍ତା ଜୁନ୍ ମାସରେ ବର୍ଷା ସ୍ୱାଭାବିକ ରହିବ । ଜୁଲାଇ ଓ ଅଗଷ୍ଟ ମାସରେ ବର୍ଷାର ପରିମାଣ କମିବ, ହେଲେ ଅକ୍ଟୋବର ମାସରେ ବର୍ଷାର ପରିମାଣ ସ୍ୱାଭାବିକ ରହିବ ।

ଅନ୍ୟପକ୍ଷରେ ଆସନ୍ତା ସପ୍ତାହ ଶେଷ ପର୍ଯ୍ୟନ୍ତ ରାଜ୍ୟରେ କାଳବୈଶାଖୀର ପ୍ରଭାବ ରହିବ । ଆଜି ଏବଂ ଆସନ୍ତାକାଲି ରାଜ୍ୟର ଉପକୂଳ ଓ ଦକ୍ଷିଣ ଭାଗର କେତେକ ସ୍ଥାନରେ ଝଡ଼ତୋଫାନ ଏବଂ ବର୍ଷାର ଅନୁମାନ କରାଯାଇଛି । ଗତ ୨୪ଘଣ୍ଟା ମଧ୍ୟରେ ବାରିପଦା, ଖୋର୍ଦ୍ଧା, ନୟାଗଡ, ଦାରିଙ୍ଗବାଡି, ଅନୁଗୋଳ, ଗଞ୍ଜାମର କେତେକ ସ୍ଥାନରେ ବର୍ଷା ହୋଇଯାଇଛି ।